## ମହିଳାଙ୍କ ମୃତଦେହ ଜବତ

ଖୁଣ୍ଟା/ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଖୁଣ୍ଟା ଥାନା ଅଧୀନ ଗଡ଼ିଗାଁ ପଞ୍ଚାୟତର ବାଙ୍କିଗଡ଼ି ଗ୍ରାମର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ସେ ହେଲେ କାଳିଦାସ ମୁର୍ମୁଙ୍କ ସ୍ତ୍ରୀ ସୋନା(୫୫)। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ସଂକ୍ଷେପରେ

### କୋଟପା ଚଢ଼ାଉ: ୧୮ ଦୋକାନୀଙ୍କୁ ଜରିମାନା

ଭଦ୍ରକ ଅଫିସ, ୯।୨-ଭଦ୍ରକ ସହର କଲେଜ ରାସ୍ତାରେ ଗୁରୁବାର କୋଟପା ଚଢ଼ାଉ କରାଯାଇଛି। ଜିଲା ମୁଖ୍ୟ ଡାକ୍ତରଖାନାର ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡାଙ୍କ ନେତୃତ୍ୱରେ ଟାଉନ ଥାନା ଏଏସ୍ଆଇ ଅଶେଷ କୁମାର ଦାସ, ଅବକାରୀ ସବ୍‌ଇନ୍ସପେକ୍ଟର ରବି ବେହେରା ଓ କର୍ମଚାରୀମାନଙ୍କୁ ନେଇ ଗଠିତ ଟିମ୍ ଦ୍ୱାରା ଧରପଗଡ଼ କରାଯାଇ ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ପାଇଁ ୧୮ ଦୋକାନୀଙ୍କଠାରୁ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜବତ ହୋଇଥିବା ତମାଖୁ ଓ ସିଗାରେଟକୁ ପୋଡ଼ି ନଷ୍ଟ କରି ଦିଆଯାଇଛି।

### କୋର୍ଟ କର୍ମଚାରୀଙ୍କ ଘରୁ ଚୋରି, ଜଣେ ଗିରଫ

ବଡ଼ବିଲ,୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ କୋର୍ଟର କର୍ମଚାରୀ ଗୀତାଞ୍ଜଳୀ କିଷାନଙ୍କ ଘର ତାଲା ଭାଙ୍ଗି ଲାପ୍‌ଟପ ଓ ଟାବଲେଟ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁନ୍ଦରାବସ୍ତି ଅଞ୍ଚଳର ରାମ ଚାମ୍ପିଆ।

ସୂଚନା ଅନୁଯାୟୀ, ବଡ଼ବିଲ କୋର୍ଟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଗୀତାଞ୍ଜଳୀ ବଡ଼ବିଲ ସୁନ୍ଦରାବସ୍ତିରେ ଏକ ଭଡ଼ା ଘରେ ଏକା ରୁହନ୍ତି। ଗତ ମଙ୍ଗଳବାର ସେ କୋର୍ଟ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଭଡ଼ାଘରେ ପହଞ୍ଚିଥିଲେ। ଘର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘର ଭିତରେ ଥିବା ଲାପଟପ ଓ ଟାବ୍‌ଲେଟ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବଡ଼ବିଲ ଥାନାରେ (ନଂ. ୩୪/୨୦୨୩) ମାମଲା ରୁଜୁ କରି ସିସି କ୍ୟାମେରା ଆଧାରରେ ତଦନ୍ତ କରିଥିଲା। ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିବା ସହ ବଡ଼ବିଲ ରେଳସାଇଡ଼ିଂ ନିକଟସ୍ଥ ଏକ ଢାବାରୁ ଚୋରି ସାମଗ୍ରୀ ଜବତ କରିଥିଲା।

### କେନାଲ ନିର୍ମାଣ କାମ ନିମ୍ନମାନର

ମୋରଡ଼ା,୯।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ମାକୁନ୍ଦଠାରେ ଚାଲିଥିବା ସୁବର୍ଣ୍ଣରେଖା କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି। ବୈଶିଙ୍ଗା ଡିଭିଜନ କେନାଲ ଅଧୀନ ପ୍ୟାକେଜ-୨୨ରେ ୪୫କି.ମିରୁ ୫୦ କି.ମି. ପର୍ଯ୍ୟନ୍ତ ଚାଲିଥିବା ସୁବର୍ଣ୍ଣରେଖା କେନାଲ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। କ୍ୱାଲିଟି କଣ୍ଟ୍ରୋଲ ବୋର୍ଡ ଦ୍ୱାରା ଅନୁମୋଦିତ ହୋଇ ନ ଥିବା ମେଟେରିଆଲ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ପରେଶଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଆଗକୁ କାର୍ଯ୍ୟ ତଦାରଖ କରିବେ ବୋଲି କହିଥିଲେ। ଠିକ୍ ଭାବରେ କାର୍ଯ୍ୟ କରୁ ନ ଥିବା ଉକ୍ତ ସଂସ୍ଥାକୁ ବଦଳାଇ ଅନ୍ୟ ଏକ ସଂସ୍ଥା ଦ୍ୱାରା କାମ କରାଇବାକୁ ଭୁଟା ମହାନ୍ତ, ଶୁଭ କୁମାର ମହାନ୍ତ, ଅସତ ବେହେରା, ସଞ୍ଜୀବ ସେଠୀ, ଜଗନ ବେହେରାଙ୍କ ସମେତ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଶିମିଳିପାଳ ସୁରକ୍ଷା ଦାବିରେ ହରତାଳ

ବାରିପଦା ଅଫିସ/ଉଦଳା/ବିଶୋଇ/ମୋରଡ଼ା/ଖୁଣ୍ଟା/ଗୋପବନ୍ଧୁ ନଗର/ବାଙ୍ଗିରିପୋଷି,୯।୨(ଡି.ଏନ.ଏ.)



ବାରିପଦାଠାରେ ହରତାଳ କରୁଥିବା ଭଞ୍ଜସେନାର କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦାବିରେ ଗୁରୁବାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଜିଲାର ୧୫ଟି ସ୍ଥାନରେ ୩ଘଣ୍ଟିଆ ହରତାଳ କରାଯାଇଥିଲା। ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଜିଲା ଦେଇ ଯାଇଥିବା ୧୮ ଓ ୪୯ନଂ. ଜାତୀୟ ରାଜପଥକୁ ଭଞ୍ଜସେନାର କର୍ମକର୍ତ୍ତାମାନେ ଅବରୋଧ କରିଥିଲେ। ଏହା ସହିତ ବାରିପଦା-ଉଦଳା, କରଞ୍ଜିଆ-ଠାକୁରମୁଣ୍ଡା ରାଜ୍ୟ ରାଜପଥରେ କର୍ମୀମାନେ ହରତାଳ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଶାନ୍ତିରେ ରହିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

ଉଦଳା-ବାରିପଦା ରାଜ୍ୟ ରାଜପଥର କଲେଜ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଉଦଳାରୁ ବାରିପଦା ଯୋଗାଯୋଗ ପ୍ରଭାବିତ ହୋଇଥିଲା। ଭଞ୍ଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଭଞ୍ଜସେନା କର୍ମୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଶୋଇ ବ୍ଲକରେ ମଧ ଭଞ୍ଜସେନା ପକ୍ଷରୁ ରାଜପଥ ଅବରୋଧ କରି ହରତାଳ କରାଯାଇଥିଲା। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଭଞ୍ଜସେନା ବାମନଘାଟି ଉପଖଣ୍ଡର ସଭାପତି ରମଜାନ ବାଗଙ୍କ ନେତୃତ୍ୱରେ ଉପଖଣ୍ଡ ଉପସଭାପତି ଶିବରାଜ ମହାନ୍ତି, ଉପଖଣ୍ଡର ଯୁବଛାତ୍ର ନେତା ଅମିତ ମଣ୍ଡଳ, ଦେବାଶିଷ ମଣ୍ଡଳ, ଶିବୁ ବେହେରା, ଆକାଶ ମୁଣ୍ଡା, ନନ୍ଦନ ବେହେରା ପ୍ରମୁଖ ହରତାଳରେ ସାମିଲ ହୋଇଥିଲେ। ମୋରଡ଼ା ବ୍ଲକ ଭଞ୍ଜସେନା ପକ୍ଷରୁ ଦାନ୍ତିଆମୁହାଁ-ବାରିପଦା ଜାତୀୟ ରାଜପଥରେ ହରତାଳ କରାଯାଇଥିଲା। ବ୍ଲକ ଭଞ୍ଜସେନା ସଭାପତି ପରିତୋଷ ବାରିକ, ରାସଗୋବିନ୍ଦପୁର ବ୍ଲକ ସଭାପତି ପଦ୍ମଲୋଚନ ଦାସ,ସଞ୍ଜୀବ ରାଉତ, ଆଦର୍ଶ ମାଝୀ, ତୋଫାନ ମହାନ୍ତ ଏବଂ ଅନ୍ୟ ଭଞ୍ଜସେନା କର୍ମୀ ହରତାଳରେ ସାମିଲ ହୋଇଥିଲେ। ଖୁଣ୍ଟା ଡିଗ୍ରୀ କଲେଜ ଛକଠାରେ ଭଞ୍ଜସେନା ପକ୍ଷରୁ ହରତାଳ କରାଯାଇଥିଲା। କପ୍ତିପଦା ଉପଖଣ୍ଡ ଆଦିବାସୀ ସେଲ ସଭାପତି ସମ୍ପୂର୍ଣ୍ଣ ହେମ୍ବ୍ରମଙ୍କ ନେତୃତ୍ୱରେ କାର୍ଯ୍ୟକାରିଣୀ ସମ୍ପାଦକ ଶିବ ଶଙ୍କର ସିଂ, ବାସୁଦେବ ବେଶ୍ରା, ଚନ୍ଦ୍ର ମୋହନ ମୁର୍ମୁ, କୁଶାଲ ମୁର୍ମୁ, ଭଜମୋହନ ବେଶ୍ରା, ସଞ୍ଜୟ ସୋରେନ, ମଙ୍ଗଲ ହେମ୍ବ୍ରମ, ଡାକ୍ତର ପାତ୍ର, ଲକ୍ଷ୍ମୀଧର ବେଶ୍ରା, ଧନେଶ୍ୱର ହାଁସଦା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବାଙ୍ଗିରିପୋଷି ଭଞ୍ଜସେନା ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ବାଙ୍ଗିରିପୋଷିରେ ଉଭୟ ରାଜପଥ ଅବରୋଧ କରି ହରତାଳ କରାଯାଇଥିଲା। ଜିଲା ଉପସଭାପତି ସନ୍ତୋଷ ଗିରି, ସାଧାରଣ ସମ୍ପାଦକ ବାରିପଦା ମନୋରଞ୍ଜନ ବାରିକ, ବଙ୍କେଶ ସେଠୀ, ନରୋତ୍ତମ ବେହେରା, ରାଜେଶ ବାରିକ,ସଞ୍ଜୀବ ଗିରି ପ୍ରମୁଖ ସାମିଲ ହୋଇଥିଲେ ।

# ଭୋଳେଶ୍ୱର ପୀଠରେ ପ୍ରତିଷ୍ଠା ହେଲା ୧୦୮ ଶିବଲିଙ୍ଗ

ଭଣ୍ଡାରିପୋଖରୀ, ୯।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ଓ ନପଙ୍ଗ ପଞ୍ଚାୟତର ମଧ୍ୟସ୍ଥଳ ବାବା ଭୋଳେଶ୍ୱରଙ୍କ ପୀଠରେ ଗୁରୁବାରଠାରୁ ୧୦୮ ଶିବଲିଙ୍ଗ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ନପଙ୍ଗ ମଠର ମଠାଧିସ ବାବା ବଟକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଦିନ ଧରି ଉତ୍ସବ ଚାଲିବ। ପ୍ରଥମ ଦିନରେ ଅଙ୍କୁରାରୋପଣ ଅଧିବାସ ସରିଥିବା ବେଳେ ଦ୍ୱିତୀୟ ଦିବସରେ ସ୍ଥାନୀୟ ବୈତରଣୀ ନଦୀରୁ କଳସ ଯାତ୍ରା କରାଯିବ। ପୂଜକ ନାରାୟଣ ମିଶ୍ର, ନନ୍ଦକିଶୋର ତ୍ରିପାଠୀ, ବିଶ୍ୱନାଥ ମିଶ୍ର, ଟୁଲୁ ମିଶ୍ର, ଲୁଲୁ ମିଶ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜା କରୁଛନ୍ତି। ସ୍ଥାନୀୟ ପ୍ରାୟ ୧୦ ଗ୍ରାମର ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେବେ ବୋଲି ଜଣାଯାଇଛି।


ପ୍ରତିଷ୍ଠା ହୋଇଥିବା ୧୦୮ ଶିବଲିଙ୍ଗ।

# ୮ ଛାତ୍ରୀଛାତ୍ରଙ୍କୁ ସଂଯୁକ୍ତା ମହାପାତ୍ର ମେଧା ସମ୍ମାନ


ଅତିଥିମାନଙ୍କ ଗହଣରେ ୮କୃତୀ ଛାତ୍ରୀଛାତ୍ର।

ସିମୁଳିଆ, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଖଡ଼ିଗଡ଼ିଆ ଅଧୀନ ମଧୁମଲ୍ଲିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ୮ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

ଏହି ଅବସରରେ ବୁଧବାର ବିଦ୍ୟାଳୟର ପରିସରରେ ଶିକ୍ଷକ ସମନ୍ୱୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମାରାଣ୍ଡି ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ଅଜୟ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ୱର୍ଗତା ଶିକ୍ଷୟିତ୍ରୀଙ୍କ ସ୍ୱାମୀ ତଥା କନ୍ହେଇବିନ୍ଧା ଦଶଭୁଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ କମଳାକାନ୍ତ ପତି ଯୋଗଦେଇ ପ୍ରତ୍ୟେକବର୍ଷ ଏହି ମେଧା ସମ୍ମାନ ପ୍ରଦାନ କରାଯିବା ପାଇଁ ମତବ୍ୟକ୍ତ କରିବା ସହିତ ଛାତ୍ରୀଛାତ୍ରମାନେ ତଳେ ନ ବସି ଡେକ୍ସ ବେଞ୍ଚରେ ବସିବା ପାଇଁ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଚନ୍ଦ୍ରପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ପଣ୍ଡା, କଳସପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୀତାକାନ୍ତ ନାୟକ, ୱାର୍ଡ଼ସଭ୍ୟ ରମାକାନ୍ତ ବାରିକ, ସିଆର୍‌ସିସି ରତ୍ନାକର ବାରିକ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ କରିଥିଲେ। ବିଭିନ୍ନ କୃତୀଙ୍କ ମଧ୍ୟରେ ଚର୍ଚ୍ଚିତା ଭଞ୍ଜ, ଦେବବ୍ରତ ସାହୁ, ଭାଗ୍ୟଶ୍ରୀ ପଣ୍ଡା, କଳ୍ପନା ଶିଅଳ, ଖଗେନ୍ଦ୍ର ଶିଅଳ, ଗାୟତ୍ରୀ ଶିଅଳ, ଜିତେନ୍ଦ୍ର ଓଝା, କ୍ରିଷ୍ଣା ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ସଂଯୁକ୍ତା ମହାପାତ୍ର ଗତ ୧୯୯୪ରୁ ୨୦୨୨ ପର୍ଯ୍ୟନ୍ତ ୨୮ବର୍ଷ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିଲେ ।

## ଅଗ୍ନିଶମ କର୍ମଚାରୀଙ୍କ ମାଡ଼ରେ ଟ୍ରକ୍ ଚାଳକ ଆହତ

କେନ୍ଦୁଝର,୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଜୁଡ଼ିଆ ଅଗ୍ନିଶମ ବିଭାଗର ୨ କର୍ମଚାରୀଙ୍କ ମାଡ଼ରେ ଜଣେ ଟ୍ରକ ଚାଳକ ଆହତ ହୋଇଛନ୍ତି। ଏହାକୁ ନେଇ ୫୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଉତ୍କ୍ଷିପ୍ତ ହୋଇ ଜୁଡ଼ିଆସ୍ଥିତ ବିଭାଗ କାର୍ଯ୍ୟାଳୟକୁ ଘେରିଥିଲେ। ଆହତ ଡ୍ରାଇଭରଙ୍କ ଚିକିତ୍ସା ଦାବି କରିଥିଲେ। ପରେ ଡ୍ରାଇଭରଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଠିକ ଥିବା ଡାକ୍ତର କହିବା ପରେ ଟ୍ରକ ମାଲିକ ସଂଘ ସହାୟତାରେ ଆପୋଷ ବୁଝାମଣା ହୋଇଥିଲା। ଏନେଇ ସହକାରୀ ଅଗ୍ନି ନିର୍ବାପକ ଅଧିକାରୀ ପ୍ରଭାତ ରାଉତ କହିଛନ୍ତି, ଦୁଇ କର୍ମଚାରୀ ଟ୍ରକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥି ପାଇଁ ସେମାନଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଡ୍ରାଇଭରଙ୍କ କିଛି ହୋଇ ନାହିଁ। ଆପୋଷ ବୁଝାମଣା କରି ଘଟଣାର ସମାଧାନ କରି ଦିଆଯାଇଛି।

# 'ସାମାଜିକ ଗଣମାଧ୍ୟମରେ ପ୍ରଭାବ ବିସ୍ତାର କରିଛି ମିଛ କବିତା'

ଆରଡ଼ି, ୯।୨(ଡି.ଏନ୍.ଏ.)

ସକାଳୁ ସକାଳୁ ଫେସ୍‌ବୁକ, ହ୍ୱାଟସଆପ ଗ୍ରୁପ, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମରେ ଦୈନନ୍ଦିନ ଘଟଣାବଳୀକୁ ଆଧାର କରି 'ମିଛ କବିତା' ନାଁରେ କବିତା ଲେଖି ଆସୁଛନ୍ତି କବି ଦୀପ୍ତି ରଞ୍ଜନ ନାୟକ। ଏହି କବିତା ସାମାଜିକ ଗଣମାଧ୍ୟମରେ ପ୍ରଭାବ ବିସ୍ତାର କରିଛି। ଏହା ସମାଲୋଚନାର ଆଧାର, ଏକ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବୁଧବାର ସନ୍ଧ୍ୟାରେ ଭଦ୍ରକ ଜିଲା ଆରଡ଼ି ନିକଟସ୍ଥ କୁଳେଇପଦାଠାରେ ଅନୁଷ୍ଠିତ ମିଛ କବିତା ସାହିତ୍ୟ ସଂସଦର ୫ମ ବାର୍ଷିକୋତ୍ସବରେ ଅତିଥିମାନେ କହିଥିଲେ। କବି ମନ୍ମଥ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୁତାର ମୁଖ୍ୟଅତିଥି, ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ ମୁଖ୍ୟବକ୍ତା, ଭଦ୍ରକ ଜିଲା ମହୋତ୍ସବ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି, ବାବାମଣି ଡିଗ୍ରୀ କଲେଜ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଆଇନଜୀବୀ ଶ୍ରୀକାନ୍ତ ତ୍ରିପାଠୀ, ଖବରଦାତା ସନାତନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଅମରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ମଠଡିହ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ କଳାକାର ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ସାଠିବାଙ୍କୁଡ଼ାର ରବୀନ୍ଦ୍ର ମହାକୁଳଙ୍କୁ ମିଛ କବିତାର ଶ୍ରେଷ୍ଠ ପାଠକ ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା।


ମିଛ କବିତା ଶ୍ରେଷ୍ଠ ପାଠକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବିଲରୁ ମିଳିଲା ଗଳିତ ମୃତଦେହ

ରାଇରଙ୍ଗପୁର,୯।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ତାରଣା ଗ୍ରାମ ନିକଟସ୍ଥ ବିଲରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ ତଦନ୍ତ ଜାରି ରଖିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲ ପଠାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୩) ରୁଜୁ ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

# ଲାଞ୍ଚ ନେବା ଅଭିଯୋଗରେ ସେକ୍ସନ ଅଫିସର ନିଲମ୍ବିତ

ଧାମନଗର,୯।୨(ସ୍ୱ.ପ୍ର.)

ପ୍ରାଥମିକ ଶିକ୍ଷକମାନଙ୍କର ଦରମା ବୃଦ୍ଧି ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ଭଦ୍ରକ ଜିଲା ଧାମନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ନିରାକାର ବାରିକଙ୍କୁ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ବୁଧବାର ନିଲମ୍ବନ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି ନଂ. ୧୪୧୨ ଅନୁଯାୟୀ ସେକ୍ସନ ଅଫିସର ବାରିକ ନିଲମ୍ବନ ସମୟ ଭିତରେ ଜିଲା ସଦରମହକୁମାରେ ହାଜିରା ପକାଇବା ସହ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ଦିନ ଉପସ୍ଥିତ ରହିବେ। ଏହାସହ ତାଙ୍କର ୫୦ ପ୍ରତିଶତ ଦରମା ବନ୍ଦ ରହିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ସେକ୍ସନ ଅଫିସର ବାରିକ ଲାଞ୍ଚ ନେଉଥିବାର ଭିଡିଓ କିଛିଦିନ ପୂର୍ବରୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ବ୍ଲକଠାରୁ ଜିଲା ପର୍ଯ୍ୟନ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବୁଧବାର ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ୍ ଆଗରେ ଧାରଣା ଦିଆଯାଇଥିଲା।

# ନଦୀ ଗର୍ଭରେ କୃତ୍ରିମ ରାସ୍ତା

## ବେଧଡ଼କ ବାଲି ଚୋରାଚାଲାଣ

- ଶ୍ରୀହୀନ ହେଲାଣି ନଦୀପଠା, ଶଯ୍ୟା
- ରାତିରେ ମେଶିନ୍ ଦ୍ୱାରା ହେଉଛି ଉତ୍ତୋଳନ

ପାଟଣା,୯।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ତହସିଲ ଦେଇ ପ୍ରବାହିତ ବୈତରଣୀ, କଞ୍ଝାରି, ଦେଓ ନଦୀରେ ଥିବା ଲିଜ୍ ବାଲି ଉତ୍ସ ସହ ଘାଟ ଓ ବିଭିନ୍ନ ନାଳରୁ ବେଧଡ଼କ ଭାବେ ବାଲି ଉତ୍ତୋଳନ କରାଯାଉଛି। ଲଘୁ ଖଣିଜ ଆଇନକୁ ଉଲ୍ଲଂଘନ କରି ଚୋରା ଉତ୍ସ କରି ଜିଲାର ବିଭିନ୍ନ ଅଞ୍ଚଳକୁ ବାଲି ଚୋରାଚାଲାଣ ହେଉଛି। ଚୋରାଚାଲାଣକାରୀ ମାଲା ମାଲ ହେଉଥିବା ବେଳେ ସରକାରଙ୍କ ବିପୁଳ ରାଜସ୍ୱହାନି ଘଟୁଛି। ବେଆଇନ ଭାବେ ମୋଟର ବୋଟ୍ ମାଧ୍ୟମରେ ବାଲି ଉତ୍ତୋଳନ ସହ ନଦୀ ମଝିରେ କୃତ୍ରିମ ମାଟି ରାସ୍ତା ନିର୍ମାଣ କରି ଭାରିଯାନରେ ବାଲିଚାଲାଣ ହେଉଛି। ଫଳରେ ନଦୀ ଶଯ୍ୟା ପୋତି ହୋଇପଡୁଛି।

ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ତୁରୁମୁଙ୍ଗାଠାରୁ ତଣ୍ଡ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବାଲି ଉପରେ ବାଲିଚାଲାଣକାରୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଏହି ତହସିଲ ଟାଙ୍ଗରପଡ଼ା ଆର୍‌ଆଇ ସର୍କଲ ଅନ୍ତର୍ଗତ କଞ୍ଝାରି ନଦୀର ଅଙ୍କୁରାଘାଟରେ ଗତ କିଛି ମାସ ହେବ ରାତି ସମୟରେ ବେଧଡ଼କ ବାଲି ଉତ୍ତୋଳନ ହେଉଛି। ଲିଜ୍ ନ ଥିବା ଅଙ୍କୁରାର ଏହି ଘାଟରେ ପୋକ୍‌ଲିନ ମେଶିନ ଲଗାଇ ଶହେରୁ ଉର୍ଦ୍ଧ୍ୱ ଟ୍ରିପ୍ ବାଲି ଉଠାଇ ଚୋରାଚାଲାଣ କରାଯାଉଛି। ବାଲିଚାଲାଣକାରୀ ନଦୀ ମଝିରେ ମେଶିନ ଓ ହାଇୱା ଚଳାଚଳ ପାଇଁ ମାଟି ପକାଇ ପ୍ରଶସ୍ତ କୃତ୍ରିମରାସ୍ତା ନିର୍ମାଣ କରିଛନ୍ତି। ଅନ୍ୟପକ୍ଷେ ଲିଜ୍‌ଧାରୀ ଲିଜ୍ ଘାଟରୁ ବାଲି ନ ଉଠାଇ ନଦୀ ଗର୍ଭକୁ ଯାଇ ଡଙ୍ଗା ଲଗାଇ ବାଲି ଉଠାଉଛନ୍ତି। ଫଳରେ ନଦୀ ପାଣି ପ୍ରଦୂଷିତ ହେବା ସହ ପ୍ରକୃତି ଓ ପରିବେଶ ଦୂଷିତ ହେଉଥିବା ପରିବେଶବିତ ଓ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ନଦୀ ମଧ୍ୟରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହେଉଛି। ଏନେଇ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ କହିଛନ୍ତି, ଖବର ପାଇ ଅତିରିକ୍ତ ତହସିଲଦାର ସରଣ ଜେନା ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଅଙ୍କୁରା ବାଲି ଘାଟରେ ଚଢ଼ାଉ କରିଥିଲେ। ବାଲି ଚୋରାଚାଲାଣକାରୀ ନଦୀର ବିପରୀତ ପାର୍ଶ୍ୱ ଦେଇ ଗାଡ଼ି ସହ ଫେରାର ହୋଇଯାଇଥିଲେ। ବିଭିନ୍ନ ସମୟରେ ପାଟଣା ତହସିଲ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ବ୍ୟାପକ ଚଢ଼ାଉକରି ଜରିମାନା ଆଦାୟ କରୁଛି ବୋଲି ସେ କହିଥିଲେ।


ନଦୀଗର୍ଭରେ ନିର୍ମିତ କୃତ୍ରିମ ମାଟି ରାସ୍ତା।

# ପ୍ରତିଯୋଗିତା ମାଧ୍ୟମରେ ବିଦ୍ୟୁତ୍ ସଂରକ୍ଷଣ ଉପରେ ସଚେତନତା

ବାଲେଶ୍ୱର ଅଫିସ, ୯।୨

ବାଲେଶ୍ୱର ସହର ଗାନ୍ଧି ସ୍ମୃତିଭବନ ପରିସରରେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍‌ଲିମିଟେଡ୍(ଟିପିଏନ୍‌ଓଡିଏଲ୍)ର କ୍ଲବ ଏନର୍ଜି ପକ୍ଷରୁ ସାଧନା ଫାଉଣ୍ଡେଶନ ସହାୟତାରେ ଜିଲାସ୍ତରୀୟ ଉର୍ଜା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟୁତ୍ ସଂରକ୍ଷଣ ଉପରେ ପୋଷ୍ଟର ବ୍ୟାନର୍, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଜିଲାର ୨୦ଟି ବିଦ୍ୟାଳୟର ୪୩୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଦେଶରେ ବିଦ୍ୟୁତ୍‌ର ଅପଚୟକୁ ରୋକି ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେଇ ଟିପିଏନ୍‌ଓଡିଏଲ୍ କ୍ଲବ ଏନର୍ଜି ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ବିଦ୍ୟୁତ୍ ଶକ୍ତିର ଅପଚୟକୁ ରୋକି ସଂରକ୍ଷଣ କରି ଦେଶର ଆଭ୍ୟନ୍ତରୀଣ ସ୍ଥିତିକୁ ଦୃଢ଼ୀଭୂତ କରିବା ପାଇଁ ଟିପିଏନ୍‌ଓଡ଼ିଏଲ୍‌ର ଚେଷ୍ଟା ଜାରି ରହିଛି। ପ୍ରତିଯୋଗିତା ପରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପାଇଁ ଏକ ଉତ୍ସବ ଆୟୋଜନ କରାଯାଇଥିଲା।



ବିଚାରକଙ୍କ ଉପସ୍ଥିତିରେ ଜଣେ ଛାତ୍ରୀ ବକ୍ତୃତା ଦେଉଛନ୍ତି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ଶକ୍ତିକୁ କିପରି ଭାବେ ବିନିଯୋଗ କରାଯାଇପାରିବ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୁତାର, ଟିପିଏନ୍‌ଓଡିଏଲ୍ ସିଇଓ ଭାସ୍କର ସରକାର, ସିଏସ୍‌ଆର୍ ହେଡ୍ ଦିଲ୍ଲୀପ କୁମାର ସାହୁ, ଚିଫ୍ କମର୍ସିଆଲ ସର୍ଭିସେସ୍ ଆଣ୍ଡ ସିଏସ୍‌ଆର୍ ଦୁଷ୍ୟନ୍ତ କୁମାର ତ୍ୟାଗୀ, ସୁପରିଣ୍ଟେଣ୍ଡେଣ୍ଟ ଇଂ. ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ଅପଚୟର ଭୟାବହତା ତଥା ସଂରକ୍ଷଣର ଉପକାରିତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସାଧନା ଫାଉଣ୍ଡେଶନ୍‌ର ସମ୍ପାଦିକା ସୁଜାତା ରାଣୀ ପଣ୍ଡା ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ରଜତ ଦାସ ମଞ୍ଚ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କ ମଧ୍ୟରେ ବକ୍ତୃତାରେ ବାଲିଆ ଏସ୍‌ଏସ୍‌ଭିଏମ୍ ବିଦ୍ୟାଳୟର ଓମ୍ ପ୍ରକାଶ ନାୟକ ପ୍ରଥମ, ସିଦ୍ଧି ବିନାୟକ ବିଦ୍ୟାଳୟର ସାନଭି ପ୍ରଧାନ ଦ୍ୱିତୀୟ, ବାଲିଆ ଏସ୍‌ଏସ୍‌ଭିଏମ୍ ବିଦ୍ୟାଳୟର ଔରଶ୍ରୀ ପ୍ରଧାନ ଓ ବୈଶାଖୀ ଏସ୍. ଶ୍ରୀଜିତ ମିଳିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ପୋଷ୍ଟର ବ୍ୟାନର୍ ପ୍ରତିଯୋଗିତାରେ ମିଶନ୍ ଗାର୍ଲସ ହାଇସ୍କୁଲର ତେଜସ୍ୱିନୀ ପଣ୍ଡିତ ପ୍ରଥମ, ସିଦ୍ଧି ବିନାୟକ ବିଦ୍ୟାଳୟର ଭାଗ୍ୟଶ୍ରୀ ବେହେରା ଦ୍ୱିତୀୟ, ଶକୁନ୍ତଳା ସରକାରୀ ହାଇସ୍କୁଲର ରୋଜାଲିନ ମଲ୍ଲିକ ତୃତୀୟ ଏବଂ କୁଇଜ୍‌ରେ ବାଲିଆ ଏସ୍‌ଏସ୍‌ଭିଏମ୍ ବିଦ୍ୟାଳୟର ଶ୍ରେୟାଂଶ ସାହୁ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲର ସୌମେଶ ଦାସ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲର ସ୍ମୃତିରଞ୍ଜନ ପୁହାଣ ଓ ଆଞ୍ଚଳିକ ସରକାରୀ ହାଇସ୍କୁଲର ମୋନାଲିସା ଜେନା ମିଳିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧନା ଫାଉଣ୍ଡେସନ ସଭାପତି ଜୀବନ କୁମାର ମହାନ୍ତି, ସଦସ୍ୟାସଦସ୍ୟ ପ୍ରଶାନ୍ତି ପଣ୍ଡା, ମିନତୀ କର, ହେମନ୍ତ ସୁର ଓ ଉଦୟ କୁମାର ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନଦୀପଠାରୁ ମୃତଦେହ ଜବତ

ଉଦଳା,(ଡି.ଏନ.ଏ.)- ଉଦଳା ଥାନା ଅଧୀନ ବେଲପାଲ ନଦୀପଠାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କୁମ୍ଭକୋଇଲି ଗ୍ରାମର ଘନଶ୍ୟାମ ମୁର୍ମୁ(୫୫)। ସେ ବୁଧବାର ନିକଟସ୍ଥ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳେ ମୃତଦେହ ନଦୀପଠାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ ହୋଇଛି।

### ସଂକ୍ଷେପରେ

## ଖଲାଡ଼ି ସଂରକ୍ଷିତ ଜଙ୍ଗଲରେ ନିଆଁ



ଉଦଳା,୯।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ଖଲାଡ଼ି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଶୁଖିଲା ପତ୍ର ପଡ଼ିଥିବାରୁ ନିଆଁ ଖୁବ୍‌ଶୀଘ୍ର ବ୍ୟାପିଯାଇଥିଲା। ନିଆଁର ପ୍ରକୋପରେ ଜଙ୍ଗଲରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ସମେତ ବହୁ ଔଷଧୀୟ ଗୁଳ୍ମଲତା ମଧ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛନ୍ତି। କିଛିଦିନ ପୂର୍ବେ ଟଣକାସାହି ସଂରକ୍ଷିତ ଜଙ୍ଗଲରେ ମଧ ନିଆଁ ଲାଗିଥିଲା। ତେବେ ନିଆଁ ଲାଗିବାର କାରଣ ଖୋଜି ପାଉନାହିଁ ବନବିଭାଗ। ଏ ସମ୍ପର୍କରେ ଉଦଳା ରେଞ୍ଜର ଅଜୟ ବେହେରାଙ୍କୁ ପଚାରିବାରୁ ନିଆଁକୁ ଆୟତ୍ତ କରାଯାଇଛି ଏବଂ ବିଶେଷ ଭାବେ ଗଛ ନଷ୍ଟ ହୋଇନାହିଁ ବୋଲି କହିଛନ୍ତି।

## 'ନାରୀଶିକ୍ଷା ପ୍ରସାରରେ ବାଳିକା ବିଦ୍ୟାଳୟ ସହାୟକ ହୋଇଛି'

ପାଟଣା,୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ବାଳିକା ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ନାରୀଶିକ୍ଷା, କଳା, ସଂସ୍କୃତି ଓ କ୍ରୀଡ଼ା ବିକାଶରେ ସହାୟକ ହୋଇଛି ବୋଲି କହିଥିଲେ। ମୁଖବକ୍ତା ଭାବେ ବ୍ୟଙ୍ଗ କବି ତଥା ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ୍ ଅଧକ୍ଷା ସୁକାନ୍ତି ନାଏକ, ୨୩ ନଂ. ଜୋନ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ ପାଟଣା ସରପଞ୍ଚ ବିନତୀ ବାନରା, ସ୍ଥାନୀୟ ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ଆଡିସନାଲ ତହସିଲଦାର ଶରଣ ଜେନା, ଏବିଓ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପାର୍ଥ ସାରଥୀ ବେଜ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ କବିତା ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚନ

ଧାମନଗର, ୯।୨ (ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ଗୁଆପୋଖରୀ ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ବିଦ୍ୟାଧର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଗୁରୁବାର ଶିକ୍ଷାବିତ୍ ରବୀନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅତିଥି ଭାବେ ଧାମନଗର କାନ୍ତସାହିତ୍ୟ ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, କପିଳେନ୍ଦ୍ର ବଳ, ଶିକ୍ଷାବିତ୍ ମନୋଜ କୁମାର ସିଂ, ରାଜକିଶୋର ଖଟୁଆ, ପର୍ଶୁରାମ ପାତ୍ର, ସନାତନ ରାଉତ, ଦିଜେନ୍ଦ୍ର ରାଉତ, ଅକ୍ଷୟ ରାଉତ, ଶଶିକାନ୍ତ ରାଉତ, ଶରତ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଅରୁଣ ରାଉତ ଧନ୍ୟବାଦ ଦେଇଥିଲେ।

# ଦୀଘା ଉପକୂଳ ଅଲିଭରିଡ୍‌ଲେଙ୍କ ମୃତ୍ୟୁ ଉପତ୍ୟକା

ଭୋଗରାଇ,୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ଉପକୂଳ ଏବେ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଉପତ୍ୟକା ପାଲଟିଛି। ଶତାଧିକ ଟ୍ରଲର ଓଡ଼ିଶା ଜଳରାଶି ମଧ୍ୟକୁ ଅବାଧରେ ପଶିବା ଓ ବାଲେଶ୍ୱର ଜିଲା କୀର୍ତ୍ତନିଆ ସହିତ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ବହୁ ମାଛଧରା ଟ୍ରଲର ଗଭୀର ସମୁଦ୍ରରେ ମାଛ ମାରୁଥିବାରୁ ଅଣ୍ଡାଦାନ ପାଇଁ ଆସୁଥିବା ଅଲିଭରିଡ୍‌ଲେ ଟ୍ରଲର ଲୁହା ଫ୍ୟାନ୍‌ରେ କଟିଯାଇ କ୍ଷତବିକ୍ଷତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏହି ମୃତ ଅଲିଭରିଡ୍‌ଲେ ସମୁଦ୍ର ଜୁଆରରେ ଭାସି ଆସି କୂଳରେ ଲାଗୁଛନ୍ତି। ଏପରିକି ସମୁଦ୍ରକୂଳ ନିର୍ଜନ ସ୍ଥାନରେ ପଡ଼ି ସମଗ୍ର ପରିବେଶ ଦୁର୍ଗନ୍ଧମୟ ହେଉଛି। ମୃତ ଅଲିଭରିଡ୍‌ଲେଙ୍କୁ କାଉ, କୁକୁର, ବିଲୁଆ ଟାଣି ଖିନଭିନ୍ କରୁଛନ୍ତି। ଦୀଘା ଉପକୂଳରେ ଗତମାସଠାରୁ ଅଲିଭରିଡ୍‌ଲେଙ୍କ ଅଦ୍ୟାବଧି ମୃତ୍ୟୁ ସଂଖ୍ୟା ୧୦ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଗୁରୁବାର ଏକ ବିରଳ ପ୍ରଜାତିର ଅଲିଭରିଡ୍‌ଲେ ସମୁଦ୍ରରେ ଭାସି ଆସି କୂଳରେ ଲାଗିଛି। ଏହାର ଓଜନ ଏକ କୁଇଣ୍ଟାଲରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଳସାରୀ ବେଳାଭୂମିରେ ଗତବର୍ଷ ୭ଟି ଅଲିଭରିଡ୍‌ଲେଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟି କୂଳରେ ଲାଗିଥିବା ଉଦୟପୁର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭବତଃ ଏହ ଅଲିଭରିଡ୍‌ଲେ ଅଣ୍ଡାଦାନ ନିମନ୍ତେ ଉପକୂଳମୁହାଁ ହେଉଥିବାରୁ ବେପରୁଆ



ଦୀଘା ଉପକୂଳରେ ମୃତ ଅଲିଭରିଡ୍‌ଲେ।

### ୧୦କି.ମି. ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ ଅଭିଯାନ

ମାଛଧରା ଟ୍ରଲର ଧକ୍କା ଏବଂ ମତ୍ସ୍ୟଜୀବୀଙ୍କ ଜାଲରେ ଛନ୍ଦି ହୋଇ ଛଟପଟ ହୋଇ ମୃତ୍ୟୁବରଣ କରୁଥିବା ବନବିଭାଗ କହିଛି। ଗତବର୍ଷ ତାଳସାରୀ ସୁବର୍ଣ୍ଣଦ୍ୱୀପରେ ୪ଟି ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ କରିଥିବା ବେଳେ ଚଳିତବର୍ଷ ପାଗ ଅନୁକୂଳ ଓ ସୁରକ୍ଷା ଦୃଷ୍ଟିରୁ ନିଷିଦ୍ଧଜୋନ୍‌ରେ ଅଧିକ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ସମ୍ଭାବନା ରହିଛି। ଉଦୟପୁରଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୮କି.ମି. ଦୂର ଉପକୂଳରେ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ସହିତ ସଚେତନତା, ସ୍ୱଚ୍ଛତା ଏବଂ ୧୦ କି.ମି. ସମୁଦ୍ର ମଧ୍ୟକୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି ବୋଲି ବନପାଳ ପରମାନନ୍ଦ ନାୟକ ଓ ବନରକ୍ଷୀ ସଞ୍ଜୟ ମହାନ୍ତି ପ୍ରକାଶ କରିଛନ୍ତି।

# ନୀତିକାନ୍ତି ବନ୍ଦ କଲେ ସେବାୟତ



ଧାରଣାରେ ବସିଥିବା ସେବାୟତମାନେ।

ବାରିପଦା ଅଫିସ,୯।୨

### ମାଣତ୍ରୀ ଶୈବ ପୀଠ
### ପ୍ରବେଶ ଦ୍ୱାରରେ ତାଲା ପକାଇ ଧାରଣାରେ ବସିଲେ

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ହରିହର ପୀଠ ମାଣତ୍ରୀ ବିଜେ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ସେବାୟତମାନେ ଗୁରୁବାର ଠାକୁରଙ୍କ ନୀତିକାନ୍ତି ବନ୍ଦ କରି ମନ୍ଦିର ପ୍ରବେଶ ଦ୍ୱାରରେ ତାଲା ପକାଇ ଧାରଣାରେ ବସିଛନ୍ତି। ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ମନ୍ଦିର ମେଜିଆ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଉ ନ ଥିବାରୁ ଆନ୍ଦୋଳନ କରାଯାଇଥିବା ଓ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସେବାୟତମାନେ ଚେତାବନୀ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଦେବୋତ୍ତର ବିଭାଗ ଅଧୀନ ଏହି ମନ୍ଦିରରେ ନିୟୋଜିତ ୭୧ଜଣ ସେବାୟତ ନୀତିକାନ୍ତି ସମ୍ପନ୍ନ କରୁଛନ୍ତି। ମନ୍ଦିରଟି ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା ହୋଇଥିଲେ ମଧ ବିଭାଗ ପକ୍ଷରୁ ଟଙ୍କାଟିଏ ଅନୁଦାନ ମିଳିନାହିଁ। ଏହାର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ଅଭାବ ହେତୁ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହେବାକୁ ବସିଲାଣି। ତେବେ ୨୦୧୯ରେ ମନ୍ଦିର ବେଢ଼ା ମଧ୍ୟରେ ଥିବା ମେଜିଆ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଆସନ୍ତା ୧୮ତାରିଖରୁ ଦୁଇ ସପ୍ତାହ ବ୍ୟାପି ଜାଗର ମହୋତ୍ସବ ପାଳିତ ହେବ। ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ମେଜିଆ କାମ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ସେବାୟତଙ୍କ ମଧ୍ୟରେ ପୁଞ୍ଜିଭୁତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଦେବୋତ୍ତର ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

### ସାମାଜିକ କର୍ମୀ ନୈନା ସାହୁ ମୃତ୍ୟୁ ଘଟଣା

## ହତ୍ୟା ମାମଲା ରୁଜୁ କଲା ପୋଲିସ

**କେନ୍ଦୁଝର,୯।୨(ସ୍ୱ.ପ୍ର.):** ସାମାଜିକ କର୍ମୀ ନୈନା ସାହୁଙ୍କ ମୃତ୍ୟୁ ଘଟଣାରେ ପୋଲିସ ଗୁରୁବାର ହତ୍ୟା ମାମଲା ରୁଜୁ କରିଛି। ଡିଏସ୍‌ପି କ୍ରାଇମ ଏହି ମାମଲାକୁ ତଦାରଖ କରୁଛନ୍ତି। ପୂର୍ବରୁ ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଥିଲା। ଘଟଗାଁ ପୋଲିସ ମାମଲା ପରିବର୍ତ୍ତନ କରି ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରିଛି। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ଘଟଗାଁ ଥାନା ଅଧିକାରିଣୀ ପ୍ରତିଭା ସାହୁ କହିଛନ୍ତି। ତେବେ ଅଦ୍ୟାବଧି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳି ନ ଥିବା କହିଛନ୍ତି। ପ୍ରକାଶ ଯୋଗ୍ୟ, ଡିସେମ୍ବର ୨୮ ରେ ଘଟଗାଁ ବାଇପାସ ନିକଟରେ ଦୁର୍ଘଟଣାରେ ନୈନାଙ୍କ ମୃତ୍ୟୁ ହୋଇଥିବା ନେଇ ଥାନାରେ ରିପୋର୍ଟ ହୋଇଥିଲା। ପରେ ଏହା ଦୁର୍ଘଟଣା ନୁହେଁ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଧାମନଗର, ୯।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ୫ ନମ୍ବର ୱାର୍ଡ ବାରିକ ସାହିର ପୂର୍ବତନ କଂଗ୍ରେସ ନେତା ସ୍ୱର୍ଗତ ଦୀନବନ୍ଧୁ ବାରିକଙ୍କ ସ୍ତ୍ରୀ ତଥା ନାରୀନେତ୍ରୀ ବାସନ୍ତୀ ବାରିକ (୮୦)ଙ୍କ ହୃଦ୍‌ଘାତରେ ବୁଧବାର ପରଲୋକ ହୋଇଛି। ସେ ଜଣେ ମହିଳା ନେତ୍ରୀ, ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସ ନେତା ହୃଦାନନ୍ଦ ସେଠୀ, ପ୍ରଦୀପ ଦାସ, ବ୍ଲକ କଂଗ୍ରେସ ସଭାପତି ଅଭିଷେକ ରାଉତ, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ, କଂଗ୍ରେସ ନଗର ସଭାପତି ପ୍ରସନ୍ନ ଧଳ, ସାମାଜିକ କର୍ମୀ ଅନିଲ ବାରିକ, ଅଭିମନ୍ୟୁ ମଲ୍ଲିକ, କୃଷ୍ଣଚନ୍ଦ୍ର ଜେନା, ବିଜୟ ବେହେରା, ଶ୍ରୀଧର ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଆବାସ ଯୋଜନାରେ ଥିଲାବାଲାଙ୍କ ନାଁ

### ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଆନନ୍ଦପୁର,୯।୨(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଘୋଟାଲା ହେଉଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ ୧୮ ପଞ୍ଚାୟତରେ ଗରିବ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରା ନ ଯାଇ ଶାସକ ଦଳର ଥିଲାବାଲାଙ୍କୁ ଏଥିରେ ସାମିଲ କରାଯାଉଥିବା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ବ୍ଲକ୍ ଘେରାଉ କରାଯାଇ ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାଜପା ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁ, ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ଭଗବାନ ସାହୁ, ୩ ନଂ. ଜୋନ୍ ଜିଲାପରିଷଦ ସଭ୍ୟା ଅସୀମା ମିଶ୍ର, ଭାଜପା ମହିଳା ନେତ୍ରୀ ସୁମତୀ ଜେନା ଯୋଗଦେଇ ପ୍ରକୃତ ଗରିବ ହିତାଧିକାରୀଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି। ଜିଲା ଭାଜପା ସମ୍ପାଦକ ଦୀପକ ଜେନାଙ୍କ ସଂଯୋଜନାରେ ବହୁସଂଖ୍ୟାରେ ଭାଜପା ନେତୃମଣ୍ଡଳୀ ସାମିଲ ହୋଇଥିଲେ।



ବ୍ଲକ୍ ଆଗରେ ଭାଜପା କର୍ମକର୍ତ୍ତା।

# ଫାଇଲେରିଆ ନିରାକରଣ ସଚେତନତା କର୍ମଶାଳା

ଭଦ୍ରକ ଅଫିସ, ୯।୨

ଫାଇଲେରିଆ ନିରାକରଣ ଅଭିଯାନ ଶୁକ୍ରବାରଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ଗଣମାଧମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ଜେନା, ଡିପିଏଚ୍‌ଓ, ଡା. ଭାରତୀ ରାଉତ, ଏଡିପିଏଚ୍‌ଓ ଡା. ମୁରଲୀଧର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂଯୋଜକ ଆଶିଷ ବିଦ୍ୱାନିଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଫାଇଲେରିଆ ବଟିକା ସମ୍ପୂର୍ଣ୍ଣ ନିରାପଦ ଏବଂ ଏହା ସେବନ କଲେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିଥାଏ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅନେକ ଦିନ ଧରି ରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ। ୭ଟି ସିଏଚ୍‌ସି, ୧୭୮ ସବ୍‌ସେଣ୍ଟର ଜରିଆରେ ତାଲିମପ୍ରାପ୍ତ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଔଷଧ ଖୁଆଇବେ। ଏଥିପାଇଁ ୫୬୫ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଜିଲାରେ ୧୮୦୦ଜଣ ଏହି ରୋଗୀ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପାତ୍ର କହିଛନ୍ତି।




# ଭତ୍ତା ପାଇଁ ବାର୍ଦ୍ଧକ୍ୟ ସାଜିଛି ବାଧକ

ବିଶୋଇ,୯।୨(ଡି.ଏନ.ଏ.)

ଆଖିକୁ ଭଲ ଦିଶୁନି। ଚାଲିବା ପାଇଁ ପାଦରେ ଆଉ ଜୁ ନାହିଁ। ଏଭଳି ପରିସ୍ଥିତିରେ ସରକାରଙ୍କଠାରୁ ମିଳୁଥିବା ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ଜଣେ ବୃଦ୍ଧା। ୮୦ ବର୍ଷରେ ପାଦ ଥାପିଥିବା ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତ ଅନ୍ତର୍ଗତ ମୂଷାମାରି ଗ୍ରାମ ଗାଣ୍ଡେସାହିର ସନାମଣି ପାତ୍ରଙ୍କ କ୍ଷେତ୍ରରେ ଭତ୍ତା ଟଙ୍କା ପାଇବା ପାଇଁ ବାର୍ଦ୍ଧକ୍ୟ ବାଧକ ସାଜିଛି। ସୂଚନାଥାଉକି, ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ହାତକୁ ଭତ୍ତା ଟଙ୍କା ଦେବାର ବ୍ୟବସ୍ଥା ରହିଥିବା ବେଳେ ନୂଆ ନିୟମ ଅନୁଯାୟୀ ବର୍ତ୍ତମାନ ଭତ୍ତା ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟ ପରିବର୍ତ୍ତେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି। ତେବେ, ବାର୍ଦ୍ଧକ୍ୟ ଜନିତ କାରଣରୁ ସନାମଣିଙ୍କ ଆଖିକୁ ଭଲ ଦିଶୁ ନ ଥିବା ବେଳେ ଚାଲିବା ପାଇଁ ଆଶା ବାଡ଼ିର ସାହାରା ନେବାକୁ ପଡୁଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କକୁ ଯାଇ ଲମ୍ବା ଲାଇନ ଲଗାଇ ଭତ୍ତା ଟଙ୍କା ଆଣିବା ପାଇଁ ସନାମଣି ଦହଗଞ୍ଜ ହେଉଛନ୍ତି। ସେହିପରି ବ୍ୟାଙ୍କମିତ୍ର ଜରିଆରେ ଭତ୍ତାଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦାନ କରାଯାଉଥିଲେ ମଧ



ସନାମଣି ପାତ୍ର।

### ଦହଗଞ୍ଜ ହେଉଛନ୍ତି ବୃଦ୍ଧା

ସନାମଣିଙ୍କ ଘର ଖଡ଼ମବେଡ଼ା ପଞ୍ଚାୟତ କାର୍ଯ୍ୟାଳୟରୁ ୩ କି.ମି. ଦୂରତା ଥିବା ହେତୁ କାର୍ଯ୍ୟାଳୟକୁ ଯାଇ ଭତ୍ତା ଟଙ୍କା ଆଣିବା ମଧ ସମ୍ଭବ ହୋଇ ପାରୁନି। ଏଭଳି ପରିସ୍ଥିତିରେ ସନାମଣିଙ୍କ ଘରକୁ ଯାଇ ବ୍ୟାଙ୍କ ଅଧିକାରୀମାନେ ଭତ୍ତା ଟଙ୍କା ପହଞ୍ଚାଇବା ଓ ୮୦ ବର୍ଷ ବୟସ ଥିବାରୁ ସନାମଣିଙ୍କୁ ୫୦୦ ଟଙ୍କା ପରିବର୍ତ୍ତେ ୭୦୦ ଟଙ୍କା ପ୍ରଦାନ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଖଡ଼ମବେଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ କରଙ୍କୁ ପଚାରିବାରୁ ସେ ବ୍ୟାଙ୍କ ଅଧିକାରୀଙ୍କ ସହିତ ଆଲୋଚନା କରି ବ୍ୟାଙ୍କମିତ୍ର ଜରିଆରେ ନିୟମିତ ଭାବେ ମାସିକ ଭତ୍ତା ଟଙ୍କା ସନାମଣିଙ୍କ ଘରକୁ ପହଞ୍ଚାଇବା ଏବଂ ୫ ଶହ ଟଙ୍କା ପରିବର୍ତ୍ତେ ୭ଶହ ଟଙ୍କାର ଭତ୍ତାଟଙ୍କା ପ୍ରଦାନ ବ୍ୟବସ୍ଥା କରିବା ସହିତ ବକେୟା ବର୍ଦ୍ଧିତ ଭତ୍ତା ମଧ ପ୍ରଦାନ କରିବେ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ସତ୍ୟ



@କାର୍ତ୍ତିକ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ ବହିଷ୍କୃତ

ବାଲେଶ୍ୱର ଅଫିସ, ୯।୨

### ବାଳାଶ୍ରମରେ ଆର୍ଥିକ ଅନିୟମିତତା

ବାଲେଶ୍ୱର ସହର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଉତ୍କଳ ବାଳାଶ୍ରମରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଦାୟିତ୍ୱରେ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଯୁବକ ମାଝିଙ୍କୁ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ନିର୍ଦ୍ଦେଶ ପାଇବା ପରେ ଜିଲାପାଳଙ୍କ ଅଫିସ୍‌ରୁ ଇମେଲ୍ ଯୋଗେ ଡିସିପିଓ ମାଝିଙ୍କୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସୂଚନା ଦେଇଛନ୍ତି।

ଉତ୍କଳ ବାଳାଶ୍ରମରେ ବ୍ୟାପକ ହେରଫେର ଓ ଆର୍ଥିକ ଅନିୟମିତତା ବାବଦରେ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ଅଭିଯୋଗକ୍ରମେ ତଦନ୍ତ ପରେ ଦାୟିତ୍ୱରେ ଥିବା ଡିସିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଥିଲା। ଡିସିପିଓ ମାଝି ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ସମୟରେ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ ସାମଗ୍ରୀ ଯୋଗାଣ ବାବଦ ବିଲ୍ ପୈଠ ହେବା, ୨୦୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଉତ୍କଳ ବାଳାଶ୍ରମକୁ ଯୋଗାଉଥିବା ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ କିଛି ଦ୍ରବ୍ୟ ବାବଦ ବିଲ୍‌ରେ ବ୍ୟାପକ ଅନିୟମିତତା, ୨୦୨୦ରେ ବାଳାଶ୍ରମ ଆକାଉଣ୍ଟରୁ ୮୬ହଜାର ଟଙ୍କା ଅନ୍ୟଜଣଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେବା ଏବଂ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ ରିଫାଇନ ତେଲ କ୍ରୟ, ବେଡ଼ସିଟ୍, ତକିଆ ଖୋଳ, କମ୍ବଳ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ କ୍ରୟ ଆଦିର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ଅତିରିକ୍ତ ଜିଲାପାଳ କରିବା ପରେ କିଛି ଅନିୟମିତତା ହୋଇଥିବା ପ୍ରମାଣ ମିଳିଥିଲା। ଜିଲାପାଳଙ୍କୁ ଅବଗତ ପରେ ରିପୋର୍ଟ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପଠାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ବିଭାଗୀୟ ଅତିରିକ୍ତ ସଚିବ ମାଝିଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି।



ଡିସିପିଓ ଯୁବକ ମାଝି।

# ଶିଳ୍ପୀ ବିକାଶ ମହୋତ୍ସବ, କୁଞ୍ଜମେଳା ଉଦ୍‌ଘାଟିତ

ଜଳେଶ୍ୱର, ୯।୨(ଡି.ଏନ.ଏ.)

କଳା, ସଂସ୍କୃତି, ଭାସ୍କର୍ଯ୍ୟ ଜଣେ ଶିଳ୍ପୀକୁ ଅମର କରିବା ସହିତ ତାର ଜନ୍ମମାଟିକୁ ପବିତ୍ର କରି ସମଗ୍ର ବିଶ୍ୱରେ ପରିଚିତ କରିଥାଏ ବୋଲି ବୁଧବାର ସନ୍ଧ୍ୟାରେ ଶିଳ୍ପୀବିକାଶ ମହୋତ୍ସବ ଓ କୁଞ୍ଜମେଳା ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ବ୍ଲକ ଅଧୀନ ଶାଳିକୋଠା ଗ୍ରାମର ଶିଳ୍ପୀସାହିଠାରେ ୮ଦିନ ବ୍ୟାପି ଅନୁଷ୍ଠିତ ଉକ୍ତ ମେଳାକୁ ପଣ୍ଡିତ ରବିନାରାୟଣ ରଥଶର୍ମା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ଅବନୀ ଚାନ୍ଦ ଓ ମୁଖ୍ୟବକ୍ତା ଭାବେ ବିଶ୍ୱାସ ସଙ୍ଗଠନର ସାଧାରଣ ସମ୍ପାଦକ ସଂଗ୍ରାମ ପରିଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ଗଣେଶ ପରିଡା, ସରପଞ୍ଚ ତପନୀ ଭୂୟାଁ, ବ୍ଲକ ସଦସ୍ୟା ମଧୁମିତା ମହାନ୍ତି, ଆଇନ୍‌ଜୀବୀ ସୁଶାନ୍ତ ଦାସ, ସମାଜସେବୀ ନବେନ୍ଦୁ ପ୍ରଧାନ, ମନୋରଞ୍ଜନ ଦାସ, ଖବରଦାତା ସୁଶାନ୍ତ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସଭାପତି କେଶବ ଜେନା, ସମ୍ପାଦକ ବସନ୍ତ ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଦୀପ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

ବୈଶିଙ୍ଗା,୯।୨(ଡି.ଏନ.ଏ.)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସନ୍ତରା ଓ ବୈଶିଙ୍ଗା ପଞ୍ଚାୟତର ସୀମାବର୍ତ୍ତୀ ଛତର ଗ୍ରାମରେ ବାଛରା ବାୟାର ୟୁଥ କ୍ଲବ ପକ୍ଷରୁ ୨୩ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଦିବାସୀ ପରମ୍ପରା ପର୍ଯ୍ୟବେଶିତ 'ଧାବଲ ତାମସା' ଏବଂ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆଦିବାସୀ ମନୋରଞ୍ଜନ ଧର୍ମୀ ନାଟକ ପ୍ରତିଯୋଗିତା ୯ ତାରିଖ ସକାଳେ ଶେଷ ହୋଇଥିଲା। ଆଖପାଖ ଗ୍ରାମରୁ ଶତାଧିକ ପ୍ରତିଯୋଗୀ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ ଓ ସନ୍ତରା ସରପଞ୍ଚ ଲକ୍ଷ୍ମିପ୍ରୀୟା ହାଁସଦା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ସାମାଜିକ କର୍ମୀ ଅଶ୍ୱିନୀ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

